ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ
ପତ୍ର ସଂଖ୍ୟା. ୧୦୧୧, /ସୂ.ଲୋ.ସ. ତା. ୦୨/୧୨/୨୦୧୯ e-mail- dkl.dipro@gmail.com
Tel. No.- (06762) 224414

## ରାଜ୍ୟ ସ୍ତରୀୟ ମିଶନ୍ ଇନ୍ଦ୍ରଧନୁଷ ୨.୦ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ଢେଙ୍କାନାଳ, ତା-୦୨/୧୨/୨୦୧୯ - ଆଜି ରାଜ୍ୟ ସ୍ତରୀୟ ମିଶନ୍ ଇନ୍ଦ୍ରଧନୁଷ ୨.୦ ଟିକାକରଣ କାର୍ଯ୍ୟକ୍ରମ ଢେଙ୍କାନାଳ ଅଠଗଡ଼ାସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆରମ୍ଭ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଡା. ଭବ ପ୍ରସାଦ ପଟ୍ଟନାୟକ, ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ସମୀର କୁମାର ପାଣି, ଡବ୍ଲ୍ୟୁ.ଏଚ.ଓ.ର ରାଜ୍ୟ ସଂଯୋଜକ ଡା. ନିହାର ଦାସ, ୟୁନିସେଫ୍‌ର ପରାମର୍ଶଦାତା ଡେଭିଡ଼ ନିମିଲ ଡା. ନିର୍ମଳା ଦେଇ, ରାଜ୍ୟ ପରିଚାଳନା ପରାମର୍ଶଦାତା ଶ୍ରୀ ସରୋଜ କୁମାର ପାଣିଗ୍ରାହୀ, ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା-ଅଧିକାରୀ ଶ୍ରୀ ନିରଞ୍ଜନ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଶଙ୍କୁ ଶେଠୀ ଦୀପ ଜାଳି ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଏହି ଟିକାକରଣ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ପି.ଆର.ଆଇ. ସଦସ୍ୟ ଓ ଜନ ପ୍ରତିନିଧିମାନଙ୍କ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଦୁଇ ବର୍ଷର ଶିଶୁମାନଙ୍କୁ ଏହି ମିଶନ ଇନ୍ଦ୍ରଧନୁଷ ୨.୦ ଟିକାକରଣରେ ସାମିଲ କରାଯାଉଛି। ଏହି ଟିକାକରଣ କାର୍ଯ୍ୟକ୍ରମ ଆଜି ୨ ତାରିଖ ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି।

ଏହି କାର୍ଯ୍ୟକ୍ରମକୁ ଡି.ପି.ଏମ. ଶ୍ରୀମତୀ ସୋନାଲୀ ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ ଏବଂ ଆର.ବି.ଏସ.କେ.ର ପ୍ରକଳ୍ପ ପରିଚାଳକ ଶ୍ରୀ ସୌମ୍ୟରଞ୍ଜନ ସାମନ୍ତରାୟ ଏବଂ ଏ.ଡି.ପି.ଏଚ.ଓ., ପରିବାର କଲ୍ୟାଣ, ଶ୍ରୀମତୀ ସବିତା ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଗଣ ସହଯୋଗ କରିଥିଲେ। ଏହି ଅବସରରେ ୪ ଜଣ ଶିଶୁଙ୍କୁ ଟିକାକରଣ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

---

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା।

ଉମେଶ ୦୨/୧୨/୧୯
ହ. ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

# ସ୍ୱତନ୍ତ୍ର ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ୨.୦

## ସ୍ୱତନ୍ତ୍ର ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ୨.୦ କ'ଣ ?

- ସ୍ୱତନ୍ତ୍ର ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ଟୀକାକରଣ କାର୍ଯ୍ୟକ୍ରମ ଦ୍ୱାରା ଆପଣଙ୍କ ଶିଶୁକୁ ୧୧ ଗୋଟି ପ୍ରାଣଘାତି ରୋଗରୁ ରକ୍ଷା କରାଯାଇ ପାରୁଛି ।
- ସରକାରଙ୍କ ସମ୍ପୂର୍ଣ୍ଣ ଟୀକାକରଣ ଯୋଜନା ମାଧ୍ୟମରେ, ଟୀକାକରଣ କେନ୍ଦ୍ରରେ ଏହି ସମସ୍ତ ଟୀକା ମାଗଣାରେ ପିଲାଙ୍କୁ ଦିଆଯାଇଥାଏ ।
- ଏହି ସମସ୍ତ ଟୀକା ସମ୍ପୂର୍ଣ୍ଣ ସୁରକ୍ଷିତ, ଉଚ୍ଚମାନର ଏବଂ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ (ଏ.ଏନ୍.ଏମ୍)ଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ।
- ଟୀକାକରଣ ଅଭିଯାନ ୨ ଡ଼ିସେମ୍ବର ୨୦୧୯, ୬ ଜାନୁଆରୀ ୨୦୨୦, ୩ ଫେବୃଆରୀ ୨୦୨୦, ୨ ମାର୍ଚ୍ଚ ୨୦୨୦ ଠାରୁ ପ୍ରତି ଥର ୭ ଦିନ ଲେଖାଏଁ (କାର୍ଯ୍ୟ ଦିବସରେ) ଚାଲିବ ।

## ଆପଣ କ'ଣ କରିବା ଉଚିତ୍

- ଆପଣମାନେ ଆପଣଙ୍କ ଗାଁର ଆଶା ଓ ସ୍ୱାସ୍ଥ୍ୟକର୍ମୀ (ଏ.ଏନ୍.ଏମ୍)ଙ୍କ ସହ ଯୋଗାଯୋଗ କରି ସ୍ୱତନ୍ତ୍ର ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍‌ର ଅଧିବେଶନ ତାରିଖ, ସମୟ ଓ ନିକଟସ୍ଥ ଟୀକାକରଣ ସ୍ଥାନ ବିଷୟରେ ପଚାରି ବୁଝନ୍ତୁ ।
- ଯଦି ଆପଣଙ୍କ ଶିଶୁର ବୟସ ୨ ବର୍ଷରୁ କମ୍ ଓ କୌଣସି କାରଣ ବଶତଃ ଆପଣ କୌଣସି ଟୀକା ଛାଡି ଯାଇଛନ୍ତି, ଏହି ସ୍ୱତନ୍ତ୍ର ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ସପ୍ତାହ ମଧ୍ୟରେ ନିକଟସ୍ଥ ଟୀକାକରଣ କେନ୍ଦ୍ରରେ ଟୀକା ନେଇପାରିବେ ।
- ମନେରଖନ୍ତୁ - ଆପଣ ଟୀକାକରଣ କେନ୍ଦ୍ରକୁ ଗଲାବେଳେ ସାଥିରେ ଟୀକାକରଣ କାର୍ଡ / ମା' ଓ ଶିଶୁ ସ୍ୱାସ୍ଥ୍ୟ କାର୍ଡ (MCP Card) ନିଅନ୍ତୁ ।
- ଯଦି ଆପଣଙ୍କ ମନରେ ଟୀକାକୁ ନେଇ କିଛି ସନ୍ଦେହ, ଦ୍ୱନ୍ଦ ଓ ଆଶଙ୍କା ଥାଏ ତେବେ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ (ଏ.ଏନ୍.ଏମ୍) କିମ୍ବା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରନ୍ତୁ ।

## ଟୀକାକରଣ ପରେ

- ଟୀକାକରଣ ପରେ ୩୦ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏହି ସମୟରେ ଏ.ଏନ୍.ଏମ୍ ଦିଦି ଆପଣଙ୍କ ଶିଶୁର ନଥିପତ୍ର (ରେକର୍ଡ) ପ୍ରସ୍ତୁତ କରିବେ ଏବଂ ଆପଣଙ୍କ ଶିଶୁର ସୁସ୍ଥତା ସୁନିଶ୍ଚିତ କରିବା ପରେ ଘରକୁ ଯାଆନ୍ତୁ ।
- ଆପଣ ଶିଶୁର ପରବର୍ତ୍ତୀ ଟୀକା କେବେ ନେବାର ଅଛି ପଚାରି ବୁଝନ୍ତୁ ।
- ଯଦି ଟୀକା ନେବାପରେ ଆପଣଙ୍କ ଶିଶୁ ଅସୁସ୍ଥତା ସହିତ ଯନ୍ତ୍ରଣା, ଜ୍ୱର ବା ଅନ୍ୟ କୌଣସି ଲକ୍ଷଣ ସହିତ ଅସୁସ୍ଥ ହୋଇପଡେ, ଆପଣ ନିକଟସ୍ଥ ଆଶା ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।
- ମନେରଖନ୍ତୁ: ଆପଣଙ୍କ ଟୀକାକରଣ କାର୍ଡ, ମା' ଓ ଶିଶୁ ସ୍ୱାସ୍ଥ୍ୟ ବା (MCP) କାର୍ଡଟିକୁ ସାଇତି ରଖନ୍ତୁ । ଏହା ଆପଣଙ୍କ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା କାର୍ଡ ଅଟେ ।